ସେକ୍ଟର 6, ବାହାଦୁରଗଡ଼ ପ୍ଲଟ ହୋଲ୍ଡର୍ସ

ଆସୋସିଏସନ ଏବଂ ଅନ୍ୟମାନେ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ

ଏପ୍ରିଲ 7, 1997

[କେ. ରାମସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଅବମାନନା - କଲୋନୀରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଉତ୍ତରଦାତାମାନଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ – ନ୍ୟାୟାଳୟଙ୍କ ଆଦେଶ ଅବମାନନା ଅଭିଯୋଗ - ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଉତ୍ତରଦାତାମାନଙ୍କ ତରଫରୁ କୌଣସି ଇଚ୍ଛାକୃତ ଅବାଧ୍ୟତା ଦେଖିବାକୁ ମିଳିନାହିଁ- ତେଣୁ ନିର୍ଣ୍ଣୟ ହେଲା ନ୍ୟାୟାଳୟଙ୍କ ଆଦେଶ ଅବମାନନା ପାଇଁ ଉତ୍ତରଦାତାମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ଆବଶ୍ୟକ ନଥିଲା ।*

ଦେୱାନୀ ମୂଳ/ଅପିଲିୟ କ୍ଷେତ୍ରାଧିକାର : ଅବମାନନା ଆବେଦନ ସଂଖ୍ୟା 577/1996 ।

ଦେୱାନୀ ଅପିଲ ସଂଖ୍ୟା 237/1981ରେ ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 2415/1980 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 17.10.80 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ଅପିଲକାରୀମାନଙ୍କ ପାଇଁ ଆର୍.ସି. ବର୍ମା ଏବଂ ଚତନ୍ୟ ସିଦ୍ଧାର୍ଥ ।

ଉତ୍ତରଦାତାମାନଙ୍କ ପାଇଁ ସ୍ୱରାଜ କୌଶଲ, ଶ୍ରୀମତୀ ଏଚ. ୱାହି, ସଞ୍ଜୀବ ପଙ୍କୀ ଏବଂ ସୁଶ୍ରୀ ଏନ. ମୁଖାର୍ଜୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

*ସେକ୍ଟର-6 ବାହାଦୁରଗଡ଼ ପ୍ଲଟ ହୋଲ୍ଡର୍ସ ଆସୋସିଏସନ୍ ବନାମ ହରିୟାଣା ରାଜ୍ୟ*, JT (1995) 9 SC 167 ମାମଲାରେ ଏହି ନ୍ୟାୟାଳୟଙ୍କ ଆଦେଶର ଅବମାନନା ପାଇଁ ଏହା ଏକ ଆବେଦନ । ରାୟର କାର୍ଯ୍ୟକାରୀ ଅଂଶରେ ଏହି ନ୍ୟାୟାଳୟ ନିମ୍ନଲିଖିତ ନିର୍ଦ୍ଦେଶ ଦେଇଛନ୍ତି:

"ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଆବଣ୍ଟନ କରାଯାଇଥିବାରୁ, 1992 ସୁଦ୍ଧା ଜମିଗୁଡ଼ିକୁ ସମ୍ପୂର୍ଣ୍ଣ ବିକାଶ ନକରିବାର କୌଣସି ଯଥାର୍ଥତା ନାହିଁ । ଓ.ଏ. ସଂଖ୍ୟା 2/1992ରେ ଦିଆଯାଇଥିବା ବିବୃତ୍ତି ଯେ

ଏହି କ୍ଷେତ୍ରଟି "ପ୍ରାୟ ପୂର୍ଣ୍ଣ ବିକଶିତ" ଏବଂ "ଅସ୍ଥାୟୀ ନିଷ୍କାସନ ସମାପ୍ତ ହୋଇଛି", ଉତ୍ତରଦାତାଙ୍କ ପକ୍ଷରୁ ଉପଯୁକ୍ତ ଆଗ୍ରହ ଏବଂ ଧ୍ୟାନର ଅଭାବକୁ ସ୍ପଷ୍ଟ ଭାବରେ ଦର୍ଶାଏ। ଏହି ସମ୍ବନ୍ଧରେ ଆମେ କହିବୁ ଯେ ଏହି ଅଦାଲତରେ ଉତ୍ତରଦାତାଙ୍କ ତରଫରୁ 14.1.1995 ରେ ଏକ ବିବୃତି ଦିଆଯାଇଥିଲା ଯେ ବିକଶିତ ଜମି ଗୁଡ଼ିକର ଦଖଲ ଆବେଦନକାରୀଙ୍କୁ ଛଅ ମାସ ମଧ୍ୟରେ ଦିଆଯିବ, ଏବଂ ସେଥିପାଇଁ ଏପରି ଏକ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରୀ ଭଣ୍ଡାରେ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଇ ନାହିଁ। ଏହି ଅଭିଯୋଗ ହିଁ ଅବମାନନା ଆବେଦନ ସଂଖ୍ୟା 22/1989କୁ ଆସିବାକୁ ଦେଇଛି। ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ, ଆମେ ଅବମାନନା ଆବେଦନକୁ ଆଗକୁ ନେବାକୁ ପ୍ରସ୍ତାବ ଦେଉନାହୁଁ ଏବଂ ଉତ୍ତରଦାତାମାନଙ୍କୁ ପୁଣି ଥରେ "ପ୍ରାୟ ସମ୍ପୂର୍ଣ୍ଣ" ନୁହେଁ, ବରଂ ସମ୍ପୂର୍ଣ୍ଣ ଭାବରେ ଏହି କ୍ଷେତ୍ରକୁ ବିକଶିତ କରିବାକୁ ନିର୍ଦ୍ଦେଶ ଦେବୁ। ଏହା ଛଅ ମାସର ଅବଧି ମଧ୍ୟରେ କରାଯିବ, ଯଦି ଏହା ନହୁଏ ଉତ୍ତରଦାତା କେବଳ ଅବମାନନା ପାଇଁ ଦାୟୀ ହେବେ ନାହିଁ, ବରଂ ଆବଣ୍ଟିତ ବ୍ୟକ୍ତିଙ୍କୁ ଯେକୌଣସି ସୁଧ ପ୍ରଦାନ କରିବାର ଦାୟିତ୍ୱରୁ ମୁକ୍ତ କରାଯିବ।"

ଏହି ନ୍ୟାୟାଳୟ ଦ୍ୱାରା ଉପରୋକ୍ତ ଆଦେଶ ପାରିତ ହେବା ପରେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ଫଳସ୍ୱରୂପ, ଅବମାନନା ବିଜ୍ଞପ୍ତି ଜାରି କରାଯାଇଥିଲା। ଦୁଇ ଜଣ ବ୍ୟକ୍ତି, ଯଥା ମୁଖ୍ୟ ଯନ୍ତ୍ରୀ କେ.କେ. ଭୁଗ୍ରା ଏବଂ ଅନ୍ୟ ଜଣେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆର.କେ. ଗର୍ଗଙ୍କ ଦ୍ୱାରା ସତ୍ୟପାଠ ଦାଖଲ କରାଯାଇଛି। ମୁଖ୍ୟ ଯନ୍ତ୍ରୀ ତାଙ୍କ ସତ୍ୟପାଠରେ ଅନୁଚ୍ଛେଦ 4 ରେ କହିଛନ୍ତି ଯେ "ମୁଁ କହୁଛି ଏବଂ ଉପସ୍ଥାପନ କରୁଛି ଯେ ମୁଁ ବ୍ୟକ୍ତିଗତ ଭାବରେ ସେକ୍ଟର-6, ବାହାଦୁରଗଡ଼ ପରିଦର୍ଶନ ଏବଂ ନିରୀକ୍ଷଣ କରିଛି ଏବଂ ଦେଖିଛି ଯେ ନିର୍ବାହୀ ଯନ୍ତ୍ରୀଙ୍କ ସତ୍ୟପାଠରେ ଉଲ୍ଲେଖ କରାଯାଇଥିବା ବିକାଶ ଏବଂ ଅତିରିକ୍ତ କାର୍ଯ୍ୟ ସେହି ସ୍ଥାନରେ କରାଯାଇଛି।" କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆର.କେ. ଗର୍ଗଙ୍କ ଦ୍ୱାରା ଦଖଲ ହୋଇଥିବା ସତ୍ୟପାଠର ଅନୁଚ୍ଛେଦ 4ରେ ତାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଉଲ୍ଲେଖ କରିଛନ୍ତି, ଯାହା ନିମ୍ନରେ ଦିଆଗଲା:

"ଦେୱାନୀ ଅପିଲ ସଂଖ୍ୟା 2347/1981 ରେ 6.12.1995 ତାରିଖ ବିଶିଷ୍ଟ ଏହି ମାନ୍ୟବର ନ୍ୟାୟାଳୟଙ୍କ ରାୟର ନିର୍ଦ୍ଦେଶ ଅନୁଯାୟୀ କର୍ତ୍ତୃପକ୍ଷ ବଳକା କାର୍ଯ୍ୟ ହାତକୁ ନେଇଥିଲେ। ପ୍ରାୟ 8/4 କିଲୋମିଟର (760 ମିଟର) ଲମ୍ବ 800 ମି.ମି. ବ୍ୟାସର ସ୍ୱେରେଜ୍ ପାଇପ୍ ଲାଇନ ବିଛାଯାଇ କାର୍ଯ୍ୟକ୍ଷମ କରାଯାଇଛି, ଯେତେବେଳେ କ୍ଷେତ୍ର ସଂଲଗ୍ନ ଅସ୍ଥାୟୀ ନିଷ୍କାସନକୁ ପରିତ୍ୟାଗ କରାଯାଇଛି। ଗୋଟିଏ ବୈଦ୍ୟୁତିକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି ଏବଂ ଖୋଲା ସ୍ଥାନକୁ କଣ୍ଟା

ତାର ଦ୍ୱାରା ବେଷ୍ଟିତ କରାଯାଇଛି ଏବଂ ସମାନ କରାଯାଇଛି । ବିକାଶମୂଳକ କାର୍ଯ୍ୟ ବ୍ୟତୀତ ନିମ୍ନଲିଖିତ ମରାମତି ଏବଂ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ କରାଯାଇଛି ।

(a) 95. ଜାତୀୟ ରାଜପଥ ନଂ. ୫ ରୁ କଲୋନୀ ପର୍ଯ୍ୟନ୍ତ 4 ଲେନ୍ ବିଭକ୍ତ କ୍ୟାରେଜ୍ ୱେ ମୁଖ୍ୟ ପ୍ରବେଶ ଦ୍ୱାରର କେନ୍ଦ୍ରୀୟ ଧାରରେ ସୋଡ଼ିଅମ ଲ୍ୟାମ୍ପ ଯୋଗାଇ ଦିଆଯାଇଛି ।

(b) ଜାତୀୟ ରାଜପଥ ନଂ. ୫ ରୁ କଲୋନୀକୁ ଯିବା ପାଇଁ ଦୁଇଟି ମୁଖ୍ୟ ପ୍ରବେଶ ପଥକୁ ଯାନ୍ତ୍ରିକ ମିକ୍ସର ଏବଂ ପେଭର ମେସିନ୍ ସାହାଯ୍ୟରେ ମରାମତି ଏବଂ ନବୀକରଣ କରାଯାଇଛି ଏବଂ ସେଗୁଡ଼ିକ ଭଲ ଅବସ୍ଥାରେ ଅଛି ।

(c) କଲୋନୀଟିର 6.7 ମି.ମି. ଏବଂ 9.4 ମି.ମି. ପ୍ରସ୍ଥ ବିଶିଷ୍ଟ ସମସ୍ତ ପ୍ରମୁଖ ରାସ୍ତାଗୁଡ଼ିକ ପକ୍କା କରାଯାଇଛି ଏବଂ ଯାନ୍ତ୍ରିକ ମିକ୍ସର୍ ଏବଂ ପେଭର୍ ମେସିନ୍ ସହିତ ନବୀକରଣ କରାଯାଇଛି ଏବଂ ଭଲ ଅବସ୍ଥାରେ ଅଛି ।

(d) ରୋପଣ କରାଯାଇଥିବା ଚାରା ଗୁଡ଼ିକର ସୁରକ୍ଷା ପାଇଁ ତିନି ଶହ ବୃକ୍ଷ ରକ୍ଷାକବଚ ସ୍ଥାପନ କରାଯାଇଛି ।

ମାନ୍ୟବର ନ୍ୟାୟାଳୟଙ୍କ ରାୟ/ନିର୍ଦ୍ଦେଶନାମା ଅନୁଯାୟୀ ଅର୍ଥାତ 6.12.95 ତାରିଖରୁ କର୍ତ୍ତୃପକ୍ଷ ଏହି କାର୍ଯ୍ୟଗୁଡ଼ିକରେ ପ୍ରାୟ ୫5.00 ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛନ୍ତି ।"

ଏହା ମଧ୍ୟ କୁହାଯାଇଛି ଯେ "ଏହା ମଧ୍ୟ ଉପସ୍ଥାପିତ ହୋଇଛି ଯେ ବାହାଦୂରଗଡ଼ର କଲୋନୀ/ସେକ୍ଟର-6ରେ ସମସ୍ତ ବିକାଶ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ କର୍ତ୍ତୃପକ୍ଷ ନିଜର ସର୍ବଶ୍ରେଷ୍ଠ ପ୍ରୟାସ କରିଛନ୍ତି ଏବଂ ଏଥିପାଇଁ କର୍ତ୍ତୃପକ୍ଷ ଏହି ମାନ୍ୟବର ନ୍ୟାୟାଳୟଙ୍କର ପରବର୍ତ୍ତୀ ନିର୍ଦ୍ଦେଶ/ଆଦେଶକୁ ପାଳନ କରିବେ ।"

ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ପ୍ରତିଆରୋପ ଶପଥ ପତ୍ର ଦାଖଲ କରିବା ପୂର୍ବରୁ ନିଆଯାଇଥିବା ଉତ୍ତୋଳିତ ଚିତ୍ର ସମ୍ବଳିତ ଆଲବମ୍ ଆମ ସମ୍ମୁଖରେ ରଖିଛନ୍ତି । ଆଲବମ୍ ଏବଂ ସତ୍ୟପାଠ ଦେଖିବା ପରେ, ଆମେ ଜାଣିବାକୁ ପାଇଲୁ ଯେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଆମର ଆଦେଶରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବାରେ ଉତ୍ତରଦାତାମାନଙ୍କ ପକ୍ଷରୁ କୌଣସି ଇଚ୍ଛାକୃତ ଅବାଧ୍ୟତା ନାହିଁ । ସେହି ଅନୁଯାୟୀ, ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶର ଅବମାନନା ପାଇଁ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଆମେ କୌଣସି ଯଥାର୍ଥତା ପାଉନାହୁଁ । ତେବେ ଆବେଦନକାରୀଙ୍କ ଓକିଲ ଶ୍ରୀ ଆର୍.ସି. ବର୍ମା କହିଛନ୍ତି ଯେ ଏବେ ବି ଆହୁରି ଅନେକ କାମ କରାଯାଉଛି । ଯଦି କାର୍ଯ୍ୟ ସମାପ୍ତିରେ କୌଣସି ତ୍ରୁଟି ଥାଏ, ତେବେ ଆବେଦନକାରୀମାନେ ଏହାକୁ ଉତ୍ତରଦାତାଙ୍କ ଦୃଷ୍ଟିକୁ

ଆଣିବା ପାଇଁ ସର୍ବଦା ଉନ୍ମୁକ୍ତ ଏବଂ ଆମର କୌଣସି ସନ୍ଦେହ ନାହିଁ ଯେ ଉତ୍ତରଦାତାମାନେ ମଧ୍ୟ ତାହା କରିବେ ।

ତଦନୁସାରେ ଅବମାନନା ଆବେଦନ ଖାରଜ ହୋଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।